1.

ED

## GOVERNMENT OF ODISHA
## FOOD SUPPLIES AND CONSUMER WELFARE DEPARTMENT

*****

No. 20832 / dated, Bhubaneswar the 18/12/2014
09-17-15-31/14

From

Sri Subhakanta Mishra,
Joint Secretary to Government

To

The Director,
Information & Public Relations Department,
Odisha, Bhubaneswar

**Sub: Publication of advertisement on National Food Security Act-2013.**

Sir,

I am directed to enclose a copy of the advertisement in Odia text (Both hard and soft copy) and to request you to kindly take necessary steps for publication of half of a quarter page advertisement (as it is) in the following eight Odia dailies on the dates mentioned against each .The advertisement shall be published preferably in the 3rd page of all editions:

| | | |
|---|---|---|
| 1 | **Samaj** | **19.12.2014** |
| 2 | **Dharitri** | |
| 3 | **Sambad** | **20.12.2014** |
| 4 | **Pragatibadi** | |
| 5 | **Prameya** | **21.12.2014** |
| 6 | **Samaya** | |
| 7 | **Odisha Bhaskar** | **22.12.2014** |
| 8 | **Surya Prabha** | |

The cost of the advertisement will be borne by FS & CW Department.

Yours faithfully,

[signature] 18/12/14

Joint Secretary to Government

Memo No 20833 dt 18/12/2014

Copy forwarded to the PRO, FS & CW Department for information and necessary action.

18/12/14

Joint Secretary to Government

Memo No 20834 dt 18/12/2014

Copy along with a copy of the advertisement forwarded to Sri A.N .Prusty, Senior D.E.O, FS & CW Department, Odisha, for information and necessary action. He is requested to upload the advertisement in the Department website www.foododisha.in.

18/12/14

Joint Secretary to Government

# ଓଡ଼ିଶା ସରକାର
# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

e ବିତରଣ Bitaran Odisha

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସାମୟିକ ସହଯୋଗ ପାଇଁ

ରାଜ୍ୟ ସରକାର, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ 2013 ଆଧାରରେ PDS ହିତାଧିକାରୀ ଚୟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ବ୍ଲକରେ ଏହି କାର୍ଯ୍ୟକ୍ରମ ପରୀକ୍ଷା ମୂଳକ ଭାବେ ଶେଷ ହୋଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଜାନୁଆରୀ 2015 ଠାରୁ ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ପ୍ରକ୍ରିୟା ଆରମ୍ଭ ହେବ ।

ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବାଦ ଦେବା ମାନଦଣ୍ଡ (Exclusion Criteria) ଓ ଯୋଗହେବା ମାନଦଣ୍ଡ (Inclusion Criteria) ଅନୁସାରେ ଯୋଗ୍ୟ ପରିବାରଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଆବେଦନ ପତ୍ର ଗ୍ରହଣ କରାଯିବ । ଯୋଗ୍ୟ ପରିବାର ଗୁଡିକୁ ଆବେଦନ ପତ୍ର ଯୋଗାଇବା ଓ ସେମାନଙ୍କ ଠାରୁ ପୂରଣ ହୋଇଥିବା ଫର୍ମକୁ ଆବଶ୍ୟକ ପ୍ରମାଣ ପତ୍ର ସହ ମିଳାଇ, ଗ୍ରହଣ କରି ଓ ପରବର୍ତ୍ତୀ ସମୟରେ ସେମାନଙ୍କୁ ପ୍ରାପ୍ତି ସ୍ୱୀକାର ପତ୍ର ଦେବା ପାଇଁ ବ୍ଲକର ପ୍ରତି ଗ୍ରାମ ପଞ୍ଚାୟତ ଏବଂ ସହରାଞ୍ଚଳର ୱାର୍ଡ ସ୍ତରରେ ପଞ୍ଜିକରଣ କେନ୍ଦ୍ର (Registration Centre) ସ୍ଥାପନ କରାଯିବ । ସରକାରଙ୍କ ତରଫରୁ ପଞ୍ଜିକରଣ କେନ୍ଦ୍ରରେ Verifying Official ଭାବେ କାର୍ଯ୍ୟ ସଂପାଦନ କରିବା ପାଇଁ ଇଚ୍ଛୁକ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ, ବିଶେଷ କରି ଶିକ୍ଷକ ମାନଙ୍କ ଠାରୁ (ଯେଉଁମାନେ ବିଗତ 4 ବର୍ଷ ମଧ୍ୟରେ ଅବସର ନେଇଛନ୍ତି) ଆବେଦନ ପତ୍ର ଆହ୍ୱାନ କରାଯାଉଛି । ପ୍ରତ୍ୟେକ ପଞ୍ଜିକରଣ କେନ୍ଦ୍ର ତିନୋଟି ପର୍ଯ୍ୟାୟରେ 22 ଦିନ ପାଇଁ କାର୍ଯ୍ୟ କରିବ । ଜିଲ୍ଲାରେ Verifying Official ଙ୍କୁ ଗୋଟିଏ ପର୍ଯ୍ୟାୟ ପାଇଁ ଦୈନିକ ଟ.150/- Honorarium ବା ସର୍ବାଧିକ ଟ.3000/- ପ୍ରଦାନ କରାଯିବ ।

Verifying Official ଭାବେ କାର୍ଯ୍ୟ କରିବାକୁ ଆଗ୍ରହୀ ଅବସର ପ୍ରାପ୍ତ କର୍ମଚାରୀ ସେମାନଙ୍କ ସଂପୂର୍ଣ୍ଣ ବିବରଣୀ ସହ (ନାମ, ବୟସ, ଲିଙ୍ଗ, ଠିକଣା, ମୋବାଇଲ ଫୋନ ନମ୍ବର ଇତ୍ୟାଦି, ଅବସର ସମୟରେ ସରକାରୀ ଚାକିରୀର ବିବରଣୀ, ଅବସର ଗ୍ରହଣର ତାରିଖ, ଜିଲ୍ଲାର କେଉଁ Block/ULB ରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ, ଇତ୍ୟାଦି) ସେମାନଙ୍କ ଆବେଦନ ପତ୍ର ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ **ତା.27.12.2014ରିଖ (ଶୁକ୍ରବାର)** ସୁଦ୍ଧା ଦାଖଲ କରିପାରିବେ । ଜିଲ୍ଲାପାଳ ମାନେ ଜିଲ୍ଲାରେ ନିର୍ଦ୍ଧାରିତ ହୋଇଥିବା ପଞ୍ଜିକରଣ କେନ୍ଦ୍ର ଅନୁଯାୟୀ ପାଇଥିବା ଦରଖାସ୍ତ ମଧ୍ୟରୁ Verifying Official କାର୍ଯ୍ୟ ପାଇଁ ଉପଯୁକ୍ତ ସଂଖ୍ୟକ ଅବସର ପ୍ରାପ୍ତ କର୍ମଚାରୀଙ୍କୁ ଚୟନ କରିବେ ।

**ଯୁଗ୍ମ ଶାସନ ସଚିବ**